# Akashvani, Sambalpur

## SAMBALPURI NEWS EVENING BULLETIN

## 7 March 2026-7.02- 7.12 pm.

---

୧- ଅନ୍ତର୍ଜାତୀୟ ମହିଳା ଦିବସ୍ ଲାଗି ଆଏବା କାଏଲ୍ ନୂଆଦିଲ୍ଲୀ ନ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ରାଷ୍ଟ୍ରପତି ।

୨- ରାଜ୍ୟର୍ ୧ କୋଟି ୨ ଲାଖ୍ ନୁ ଅଏତ୍‌କା ସୁଭଦ୍ରା ହିତାଧିକାରୀଙ୍କୁ ଆଏବା କାଏଲ୍ ୪ନମ୍ବର୍ କିସ୍ତି ସାହାଜ୍ ଦେବେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଆଏବା ମେ ୧ ତାରିଖ୍‌ନୁ ୨୦ ଟା ଜିଲ୍ଲା ନ ମୁଲ୍ ହେବା ରବି ଧାନ୍ ଘିନା ପ୍ରକ୍ରିୟା ।

ଆଉର୍

୪- ପଶ୍ଚିମ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏବା ସୋମ୍‌ବାର୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷାର୍ ସମ୍ଭାବନା ।

ଅନ୍ତର୍ଜାତୀୟ ମହିଳା ଦିବସ-ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ କଟକ୍

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଆଏବା କାଏଲ୍ ନୂଆଦିଲ୍ଲୀର୍ ମାନେକ୍ସା କେନ୍ଦ୍ର ଠାନେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ମହିଳାମାନ୍‌କର୍ ନେତୃତ୍ୱଥି ବିକାଶ୍‌କେ ନେଇକରି ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ଉଦ୍‌ଘାଟନୀ ସମାରୋହଥି ୨ଟା ଆଲୋଚନାଚକ୍ର ହେବା । ପହେଲା ଖେପ୍ ଶ୍ରମ ସଂହିତା, ମହିଳା ସଶକ୍ତିକରଣ୍ ବୃଦ୍ଧି ଉପ୍‌ରେ ହେବା ଆଉ ୨ ନମ୍ବର୍ ଖେପେ ଉଦ୍ୟୋଗୀ ଭାବେ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଳାମାନ୍‌କର୍ ବାବ୍‌ଦେ ଆଲୋଚନା କରାଯିବା । ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ମହିଳା, ଶିଶୁବିକାଶ୍ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର୍ ସଶସ୍ତ୍ର ବାହିନୀ ପୁଲିସ୍, ଗଣମାଧ୍ୟମ୍, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଆଉ ଅଲ୍‌ଗା କ୍ଷେତ୍ରର୍ ପ୍ରତିନିଧି ମାନ୍‌କର୍ ସହେତେ ଶହେ ୫୦ ନୁ ଅଏତ୍‌କା ମନ୍ତ୍ରଣାଳୟ, ବିଭାଗ୍ ଆଉ ସଂଗଠନ୍ ସହେତେ ଜୁଡ଼ି ହେଇଥିବା ୧ ହଜାର୍‌ନୁ ଅଏତ୍‌କା ମହିଳା ଯୋଗ୍ ଦେବେ ।

ସୁଭଦ୍ରା          ପୁରୀ ସମ୍ବାଦଦାତା/ଏକ୍ସ

ରାଏଜେ ମହିଳା ହିତାଧିକାରୀ ମାନ୍କୁ ଆଏବା କାଏଲ୍ ସୁଭଦ୍ରା ଯୋଜ୍ନାର୍ ୪ ନମ୍ବର୍ କିସ୍ତି ଦିଆଯିବା । ପୁରୀ ତାଳବଣିଆ ପଡ଼ିଆ ଠାନେ ସୁଭଦ୍ରା ହିତାଧିକାରୀମାନ୍କୁ ନେଇକରି ଗୁଟେ ବିଶାଳ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଖେପେ ୧ କୋଟି ୨ ଲାଖ୍ ନୁ ଅଏତ୍କା ମହିଳାଙ୍କୁ ୫ ହଜାର୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଦିଆଯିବା ବଲି ଭୁବ୍ନେଶ୍ୱର୍ ଠାନେ ଗଣମାଧ୍ୟମ୍କେ ସୂଚ୍ନା ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ରାଜ୍ୟ ସର୍କାର୍ ଆଏବାକାଲିର କିସ୍ତି ବାବଦ୍ଥି ୫ ହଜାର୍ କୋଟି ଟଙ୍କା ଖର୍ଚ୍ଚା କର୍ବେ । ଇ ବଛର୍ ୨ ଲାଖ୍ ୧୩ ହଜାର୍ ନୂଆଁ ମହିଳା ହିତାଧିକାରୀ ଯୋଜ୍ନାଥି ସାମିଲ୍ ହେଇଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।
(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଉପମୁଖ୍ୟମନ୍ତ୍ରୀ-ମହିଳା ଚାଷୀ ଆର୍‌ଏନ୍‌ୟୁ/ କଟକ୍

ମହିଳା ଚାଷୀମାନ୍‌କର୍ ସର୍ବାଙ୍ଗୀନ୍ ଉନ୍ନତି ଲାଗି ସର୍‌କାର୍ ସବୁବେଳେ ଚେରେଷ୍ଟା କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବନେଶ୍ୱର୍ ରମାଦେବୀ ବିଶ୍ୱବିଦ୍ୟାଲୟ ନ ଅନ୍ତର୍ଜାତୀୟ ମହିଳା ଦିବସ୍ ଆଘୋନୁ ଆଏଜ୍ ହେଇଥିବା 'କୃଷି କ୍ଷେତ୍ରଥି ମହିଳା - ଓଡ଼ିଶା ମାଟିର୍ ଲୁକ୍କାୟିତ ପ୍ରତିଭା' ଶୀର୍ଷକ୍ ଆଲୋଚନାଚକ୍ରଥି ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ରାଜ୍ୟ ସର୍‌କାର୍ ମହିଳା ଚାଷୀମାନ୍‌କୁ ଦର୍‌କାରୀ ତାଲିମ୍ ଆଉ ବଜାର୍ ସୁବିଧା ଦେଇଆସିଛନ୍ । ଇ ଅବ୍‌ସରେ ପ୍ରେରଣାଦାୟୀ ମହିଳା ଚାଷୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ଜନଔଷଧୀ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ଦେଶେ ଆଏଜ୍ ୮ ନମ୍ବର୍ ଜନଔଷଧୀ ଦିବସ୍ ପାଲନ୍ କରାଯାଉଛେ । ଗୁଣାତ୍ମକ୍ ଜେନେରିକ୍ ଉଷୋ ଦେବାର୍ ଲାଗି କାର୍ଯ୍ୟକାରୀ କରାଯାଇଥିବା ଇ ଯୋଜ୍‌ନା ବାବ୍‌ଦେ ଅଏତ୍‌କା

ସଚେତନତା ସୃଷ୍ଟି କର୍‌ବାର୍‌କେ ଫି’ ବଛର୍ ମାର୍ଚ୍ଚ ମାସର୍ ୭ ତାରିଖ୍‌କେ ଜନଔଷଧୀ ଦିବସ୍ ଭାବେ ପାଲନ୍ କରାଯାଏସି । ଦେଶର୍ ସାଧାରଣ୍ ଲୁକ୍‌କୁ ଗୁଣବତା ପୂର୍ଣ୍ଣ ଉଷୋକେ ଶସ୍ତାଥି ଯୁଗେଇ ଦେବାର୍ ଲକ୍ଷ୍ୟ ନେଇକରି ଫି’ ବଛର୍ ଆଝିରର୍ ଦିନେ ଜନଔଷଧୀ ଦିବସ୍ ପାଲନ୍ କରାଯାଉଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ରସାୟନ୍ ଆଉ ସାର୍ ମନ୍ତ୍ରଣାଳୟ ଅଧୀନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜ୍‌ନା ଜରିଏ ଭିନ୍ ଭିନ୍ ଜାଗା ନ ପ୍ରଧାନ୍‌ମନ୍ତ୍ରୀ ଜନଔଷଧୀ କେନ୍ଦ୍ର ଥାପ୍‌ନା କରାଯାଇଛେ । ଇ କେନ୍ଦ୍ରମାନ୍‌କେ ଅଲ୍‌ଗା ଅଲ୍‌ଗା ରୋଗ୍ ଲାଗି ଉଷୋ ଶସ୍ତାଥି ମିଳିପାରୁଛେ ।

ପେଟ୍ରୋଲ୍, ଡିଜେଲ୍- ଯୋଗାଣମନ୍ତ୍ରୀ ହି.ସ.

ରାଏଜେ ତେଲର୍ ଅଭାବ୍ ନାଇଁନ, ଦର୍‌କାର୍ ପରିମାଣ୍‌ର ପେଟ୍ରୋଲ୍ ଆଉ ଡିଜେଲ୍ ମହଜୁଦ୍ ଅଛେ ବଲି ଯୋଗାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମଧ୍ୟପ୍ରାଚ୍ୟ ନ ଚାଲିଥିବା ଯୁଦ୍ଧକେ ନେଇକରି ତେଲ୍ ସଂକଟ୍ ଦେଖାଦେଉଛେ ବଲି ଗୁଜବ୍ ପ୍ରଚାର୍ ହେଉଛେ । ଇଟା ବିଭ୍ରାନ୍ତିକର ତଥ୍ୟ ଆଏ । ଇଥି ବିଶ୍ୱାସ୍ ନାଇଁ

କର୍‌ବାର୍‌କେ ରାଜ୍ୟବାସୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ । ସେ ଆହୁରି କହିଛନ୍, ରାଏଜେ କଲାବଜାରୀ ଉପ୍‌ରେ ଭିଲ୍ ନଜର୍ ରଖାଯାଇଛେ । ଆଉ ଦର୍‌କାର୍ ପଡ଼୍‌ଲେ ଉଚିତ୍ କାର୍ଯ୍ୟାନୁଷ୍ଠାନ୍ ଭିଲ୍ ନିଆଯିବା ।

ରବି ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ମେ ମାସ ୧ ତାରିଖ୍‌ନୁ ରବି ଧାନ୍ ଘିନା ମୁଲ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ସଂସ୍ଥା, ଓଡ଼ିଶା ରାଜ୍ୟ ନାଗରିକ୍ ଯୋଗାଣ ନିଗମ୍ ଲିମିଟେଡ୍, ପେକ୍ସ, ଲେମ୍ପ୍ସ, ପାଣି ପଂଚାୟତ୍ ଜରିଏ ଚାଷୀମାନ୍‌କର୍ ଅତିରିକ୍ତ ଧାନ୍ ଘିନାଯିବା । ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍‌ଏସ୍‌ପି କ୍ୱିଂଟାଲ୍ ପିଛା ୨୩ ଶହ ୬୯ ଟଙ୍କା ଦିଆଯିବା । ଏମ୍‌ଏସ୍‌ପି ଛଡ଼ା କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌ର କୃଷକ୍ ସମୃଦ୍ଧି ଯୋଜ୍‌ନା ଅଧୀନ୍‌ଥି ଇନ୍‌ପୁଟ୍ ସହାୟତା କ୍ୱିଂଟାଲ୍ ପିଛା ୭ ଶହ ୩୧ ଟଙ୍କା ଦିଆଯିବା । ଚଲ୍‌ତି ବଛର୍ ୨୦ ଟା ଜିଲ୍ଲା ନ ଧାନ୍ ଘିନ୍‌ବାର୍‌କେ ଥିର୍ କରାଯାଇଛେ । ସର୍‌କାର୍‌ଙ୍କୁ ଅଗ୍‌ଲିଲା ଧାନ୍ ଯୁଗେଇ ଦେବାର୍‌କେ ଇଚ୍ଛୁକ୍ ଚାଷୀମାନ୍‌କୁ ପାଶର୍

ଅଧିକୃତ ପେକ୍ସ, ଲେମ୍ପ୍ସ ଆଉ ପାଣି ପଂଚାୟତ୍ ନ ନିଜର୍ ନାଁ ପଞ୍ଜିକରଣ୍ କର୍‌ବାର୍‌କେ ପଡ଼୍‌ବା । ଧାନ୍ ଘିନା ପ୍ରକ୍ରିୟା ଆଏବା ଜୁନ୍ ମାସର୍ ୩୦ ତାରିଖ୍‌ତକ୍ ଚାଲ୍‌ବା ।

ଏଚ୍.ପି.ଭି. ଟୀକାକରଣ୍- ଝାର୍‌ସୁଗୁଡ଼ା  ଝାର୍‌ସୁଗୁଡ଼ା ସମ୍ବାଦଦାତା

ସାରା ଦେଶେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ମୁଲ୍ ହେଇଥିବା ଏଚ୍‌ପିଭି ଟୀକାକରଣ୍ ଅଭିଯାନ୍‌ଥି ଆଏଜ୍ ଝାର୍‌ସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଜିଲ୍ଲାସ୍ତରୀୟ ଟୀକାକରଣ୍ ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଶୁଭାରମ୍ଭ କରିଛନ୍ । ଜିଲ୍ଲାର୍ ୧୪ ନୁ ୧୫ ବଛର୍ ବୟସର୍ କିଶୋରୀ ମାନ୍‌କୁ ଏଚ୍‌ପିଭିର ସୁରକ୍ଷା କବଚ୍ ଦିଆଯାଉଛେ । ଇ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ମୁଖ୍ୟମନ୍ତ୍ରୀଙ୍କର୍ ମାର୍ଗଦର୍ଶନ୍‌ଥି ରାଏଜେ ଇ ଅଭିଯାନ୍‌କେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇଥି ରାଜ୍ୟର୍ ପାଖାପାଖି ୩ ଲାକ୍ ୩୬ ହଜାର୍ କିଶୋରୀ ଉପକୃତ୍ ହେବେ । ଇ ଅଭିଯାନ୍‌କେ ସଫଲ୍ କର୍‌ବାର୍ ସହେତେ କେନ୍‌ସର୍ ମୁକ୍ତ ଭାରତ୍ ଗଠନ୍ ଲାଗି

ନିଜର୍ ଯୋଗ୍‌ଦାନ୍ ଦେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍‌କୁ ଆହ୍ୱାନ୍ ଦେଇଛନ୍ ।

ରାଜସ୍ୱ ସମୀକ୍ଷା ବୈଠକ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ରାଜସ୍ୱ ସଂଗ୍ରହର୍ ପ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଚଲ୍‌ତି ଆର୍ଥିକ୍ ବଛ୍‌ରେ ଷ୍ଟାମ୍ପ୍ ଶୁଳ୍କ ଆଉ ପଞ୍ଜିକରଣ୍ ଶୁଳ୍କ ମିଶିକରି ଫେବୃଆରୀ ମାସ୍‌ତକ୍ ମୋଟ୍ ୮ କୋଟି ୬୫ ଲାଖ୍‌ନୁ ଅଏତ୍‌କା ଟଙ୍କା ଆଦାୟ ହେଇଛେ, ଯେନ୍‌ଟା ବାର୍ଷିକ୍ ଲକ୍ଷ୍ୟର୍ ଶହେ ୧୫ ପ୍ରତିଶତ୍ ଆଏ । ସେନ୍ତା ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ ତର୍‌ଫୁ ଇ ସମିଆଥି ୧୩ କୋଟି ୮୮ ଲାଖ୍ ଟଙ୍କାନୁ ଅଏତ୍‌କା ଠୋଲ୍ ହେଇଥିବାର୍ ବେଲେ ଅବକାରୀ ବିଭାଗ୍ ଆଡୁ ୧୭ କୋଟି ୪୯ ଲାଖ୍ ଟଙ୍କା ନୁ ଅଏତ୍‌କା ଆଉ ମାଇନିଂ ବିଭାଗ୍ ତର୍‌ଫୁ ୧ କୋଟି ୮୬ ଲାଖ୍ ଟଙ୍କା ରାଜସ୍ୱ ଠୋଲ୍ ହେଇଛେ ବଲି ବୈଠକ୍‌ନୁ ଜନାପଡ଼ିଛେ ।

ମହିଳା ଦିବସ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଚନ୍ଦ୍ରଚୂଡ଼ ମହାନଦୀ ଆଲ୍‌ତୀ ଘାଟ୍ ନ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଆୟୋଜିତ ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମ୍‌ଥି ଖାସ୍ ଯୋଗ ଆଉ ଧ୍ୟାନ ଶିବିର୍, ବ୍ୟାୟାମ୍, ଆସନ୍, ପ୍ରାଣାୟାମ୍ ତାଲିମ୍ ଦିଆଯାଇଥିଲା । ଇତାର୍‌ସହେତେ ଆତ୍ମସୁରକ୍ଷା ପ୍ରଶିକ୍ଷଣ୍ ଶିବିର୍ ଭିଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପଜିଲ୍ଲାପାଳ୍ ବିନୟ କୁମାର୍ ଭୋଇ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ସୁଭଦ୍ରା ଶକ୍ତିମେଳା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଅତିଥି ମାନେ ମେଳାଥି ଖୁଲିଥିବା ଭିନ୍ ଭିନ୍ ପ୍ରଦର୍ଶନୀ ଷ୍ଟଲ୍ ବୁଲି ଦେଖିଥିଲେ । ଜିଲ୍ଲା ଆଉ ଜିଲ୍ଲା ବାହାରୁ ଆସିଥିବା

କଳାକାର୍‌ମାନେ ଭିନ୍ ଭିନ୍ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ ।

ମହିଲା ଦିବସ୍        ଦେବ୍‌ଗଡ୍ ସମ୍ବାଦଦାତା

ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍‌ସରେ ଦେବ୍‌ଗଡ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଦିନର୍ ବିଷୟବସ୍ତୁ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମକେ ଶୁଭାରମ୍ଭ କରିଥିଲେ । ମହିଳାମାନେ ନିଜର୍ ଆତ୍ମରକ୍ଷା କେନ୍ତାକରି କରିପାର୍‌ବେ ସେ ବାବ୍‌ଦେ ଆଏଜ୍ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ଗ୍ରୀଷ୍ମପ୍ରବାହ-ପ୍ରସ୍ତୁତି        ଦେବ୍‌ଗଡ୍ ସମ୍ବାଦଦାତା

ସମ୍ଭାବ୍ୟ ଖରା ପ୍ରଭାବ୍‌କେ ନଜର୍‌ଥି ରଖିକରି ତାର୍ ମୁକାବିଲା ଲାଗି ଦେବ୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ବୈଠକ୍‌ଥି ଗ୍ରୀଷ୍ମପ୍ରବାହ ମୁକାବିଲା ଲାଗି ପ୍ରଶାସନିକ୍ ସ୍ତର୍ ନ ସଭେ ସଜାଗ୍ ରହେବାର୍ ସହେତେ ଅଂଶୁଘାତ୍ ମୃତ୍ୟୁ ହାର କମାବାର୍ ଲାଗି ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ରଗ୍‌ବୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍‌ଠାନୁ ଜାତୀୟ ରଗ୍‌ବୀ ପହେଲା ଡିଭିଜନ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ଆଏଜ୍ ପୁରୁଷ ପ୍ରି-କ୍ୱାଟର୍ ଫାଇନାଲ୍‌ଥି ଉପର୍‌ବେଲାର୍ ସାଢ଼େ ୩ ବଜେନୁ ରାତିର୍ ୮ ବଜେତକ୍ ଟିମ୍ ଏ ୪ ଟା ଦଲ୍ ଆଉ ଟିମ୍-ବି ର ୪ ଦଲ୍ ଭିତ୍‌ରେ ମେଚ୍ ଚାଲୁଛେ । ଭାରତୀୟ ରଗ୍‌ବୀ ଫୁଟ୍‌ବଲ୍ ସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆଉ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ୍ ୟୁନିୟନ୍‌ର ମିଲିତ୍ ସହଯୋଗ୍‌ଥି ହେଇଥିବା ଇ ଟୁର୍ଣ୍ଣାମେଂଟ୍ ଆଏବା ୧୩ ତାରିଖ୍‌ତକ୍ ଚାଲ୍‌ବା । ଫି' ଦଲ୍‌ଥି ୧୫ ଝନ୍ ଲେଖା ଖେଲାଲି ରହିଛନ୍ । ପୁରୁଷ ବର୍ଗ୍‌ଥି ୧୦ ଟା ଆଉ ମହିଲା ବର୍ଗ୍‌ଥି ୬ ଟା ଦଲ୍ ଭାଗ୍ ନେଇଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ଆଡୁ ଆସୁଥିବାର୍ ଜଳୀୟବାଷ୍ପଥି ପବନର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ପାଗ୍ ଅନୁକୂଲ୍ ରହିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍‌ଠାନୁ ଆଏବା ୩ ଦିନ୍‌ତକ୍ ବିଜ୍‌ଲି ମାର୍‌ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଲାଗି ୨୩ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ଜିଲ୍ଲାମାନ୍‌କେ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ହେଇପାରେ ବଲି ପାଣିପାଗ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ ।

(ଭଏସ୍ ଓଭର୍- ମନୋରମା ମହାନ୍ତି)